୦/୩୦

# ଧର୍ମପଦ

ପଶ୍ଚିମ ଉତ୍କଳ ସଂଘ ଲାଇବ୍ରେରୀ
ନଂ ୦/୩୦
ତା ........................
ରାଉରକେଲା

140

# ଧମ୍ମପଦ

ସପ୍ତମ ସଂସ୍କରଣ

- ପ୍ରକାଶକ -
ଗୋପବନ୍ଧୁ ସାହିତ୍ୟ ମନ୍ଦିର
ପୋ: ବକ୍ସିବଜାର, କଟକ

ମୂଲ୍ୟ ଛଅ ଅଣା ମାତ୍ର

# ଭୂମିକା

---

ବାଲ୍ୟକାଳରୁ କବି ହେବାର ବାସନା ମୋର ବଳବତୀ ଥିଲା । ବାଲ୍ୟସହଜ ଉଦ୍ୟମ ମଧ୍ୟ ସେଆଡ଼େ କିଛି କରିଥିଲି । ମାତ୍ର ଘଟଣା-ତରଙ୍ଗରେ ଇତସ୍ତତଃ ବିକ୍ଷିପ୍ତ ହୋଇ ଚିର ଦିନ ପାଇଁ ସେ ଆଶା ମଉଳିଛି । "ଧର୍ମପଦ" ସେ ଆଶାର ଅଙ୍କୁର ନୁହେଁ; ଏହା ବିକ୍ଷିପ୍ତ ହୃଦୟର ସାମୟିକ ସ୍ପନ୍ଦନ ମାତ୍ର । ବନ୍ଦୀଶାଳର ନିର୍ଜନ ପ୍ରକୋଷ୍ଠରେ ଏକ ସନ୍ଧ୍ୟାରୁ ତହିଁ ଆରଦିନ ସକାଳ ପର୍ଯ୍ୟନ୍ତ ଏକାକୀ ଆବଦ୍ଧ ହୋଇ ଅନେକ ସମୟରେ ଉନ୍ନିଦ୍ରାବସ୍ଥାରେ ଯେସବୁ ଚିନ୍ତା ମନକୁ ଆସୁଥିଲା, "ଧର୍ମପଦ" ତହିଁର ଅନ୍ୟତମ । ଦେଶ ଓ ଦଶ ନିମନ୍ତେ ଆତ୍ମୋତ୍ସର୍ଗରେ କି ସୁଖ ଓ ଗୌରବ ଅଛି, ଉତ୍କଳର ଚିରକଥିତ ଏହି କିଂବଦନ୍ତୀରେ ତାହା ସୁସ୍ପଷ୍ଟ ବିବୃତ ହୋଇଅଛି । ଯଦ୍ଦ୍ୱାରା ସର୍ବାଧିକ ସଂଖ୍ୟକ ଲୋକଙ୍କର ସର୍ବାଧିକ ପରିମାଣରେ ହିତ ହୁଏ, ତାହାହିଁ ମାନବର କର୍ତ୍ତବ୍ୟ । ନୀତିଶାସ୍ତ୍ରର ଏହି ତତ୍ତ୍ୱ ପ୍ରକାଶ କରିବାର ପ୍ରୟୋଜନ ସ୍ଥଳେ "ବାରଶହ ବଢ଼େଇରେ ଦାୟ, କି ପୁଅରେ ଦାୟ"—ଏ କଥା ଓଡ଼ିଶାର ଜନସାଧାରଣ ବ୍ୟବହାର କରିଥାନ୍ତି । ମାତ୍ର ଏଡ଼େ ସୁନ୍ଦର କିଂବଦନ୍ତୀର ଆଖ୍ୟାନ ଉତ୍କଳସାହିତ୍ୟରେ କୌଣସିଭାବରେ ଏ ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇନାହିଁ । ଏପରିକି ଏଥିର ମୂଳକଥା ଅନେକଙ୍କୁ

ଜଣା ନାହିଁ । ଏ ଜନଶ୍ରୁତି ସମ୍ବନ୍ଧରେ ଲୋକମୁଖରେ ଯାହା କଥିତ ହୋଇଥାଏ, ସେଥିରେ ଶୁଣାଯାଏ ଯେ, ରାତିକ ମଧ୍ୟରେ ପୁଅ ଦେଉଳ ପୂର୍ଣ୍ଣ କରିଦେବାରୁ ବାରଶହ ବଢ଼େଇଙ୍କ ଖାତିରରେ ନିଜେ ବାପ ପୁଅକୁ ଦେଉଳ ଉପରୁ ଗଡ଼ାଇ ଦେଇ ମାରି ପକାଇ ଥିଲା; ମାତ୍ର ଏହା ଅସ୍ୱାଭାବିକ—ଏପରି କରିବାକୁ କୌଣସି ବାପର ହାତ ଯିବ ନାହିଁ; ପ୍ରବୀଣ ବିଶାରଦ ବାରଶତ ଶିଳ୍ପୀ ଏପରି କାର୍ଯ୍ୟରେ ବାପାଙ୍କୁ ଅନୁରୋଧ କରିବା ଅସଙ୍ଗତ । ବିଚକ୍ଷଣ ବାରଶହ ବଢ଼େଇ ଯେ କାର୍ଯ୍ୟ କରିବାକୁ ଅସମର୍ଥ, ବାରବର୍ଷର ବାଳକ ପକ୍ଷରେ ତାହା ସମ୍ପାଦନ କରିବା ଅସାଧ୍ୟ ହୋଇପାରେ; ମାତ୍ର ଅସମ୍ଭବ ନୁହେ । ମାନବ-ସମାଜରେ ଏପରି ଅଦ୍ଭୁତ ଶକ୍ତି ଓ ପ୍ରତିଭା ମଧ୍ୟେ ମଧ୍ୟେ ପ୍ରକାଶ ପାଇଥାଏ । ଧ୍ରୁବ, ପ୍ରହ୍ଲାଦ, ଏକଲବ୍ୟ, ଶୁକ, ଅଭିମନ୍ୟୁ ପ୍ରଭୃତି ପୁରାଣର କଥା; ଶଙ୍କରାଚାର୍ଯ୍ୟ, ବାଦଲ ପ୍ରଭୃତିଙ୍କ ଅଦ୍ଭୁତ ପ୍ରତିଭା ଐତିହାସିକ ସତ୍ୟ । ଆଜକାଲି ଯୁଗରେ ମଧ୍ୟ ଏଭଳି ଘଟଣାର ଏକାବେଳକେ ଅଭାବ ଦେଖାଯାଏ ନାହିଁ । ସଂପ୍ରତି ବ୍ରହ୍ମଦେଶରେ ପାଞ୍ଚ ବର୍ଷର ଗୋଟିଏ ବାଳକ ଧର୍ମ ବିଷୟକ ନାନା ଗୂଢ଼ତତ୍ତ୍ୱ ପ୍ରଚାର କରୁଅଛନ୍ତି । ତାଙ୍କ ମାହାତ୍ମ୍ୟ ଓ ପ୍ରତିଭା ଦେଖି ଶତ ଶତ ଲୋକ ତାଙ୍କର ଅନୁଗାମୀ ହେଉଅଛନ୍ତି । ଏପରି ଅସାମାନ୍ୟ ଓ ଅଲୌକିକ ପ୍ରତିଭା ଦେଖିଲେ "ଧର୍ମପଦ"ଙ୍କୁ କିଂବଦନ୍ତୀର ଅମୂଳକ

କଳ୍ପନା ବୋଲି କିଏ କହିପାରେ ? ଏକ ସମୟରେ ଶିଳ୍ପ ଓ ସ୍ଥାପତ୍ୟ ଉତ୍କଳରେ ଯେପରି ଉନ୍ନତିର ପରାକାଷ୍ଠା ଲାଭ କରିଥିଲା, ସେଥିରେ ଏଭଳି ବାଳକର ଆବିର୍ଭାବ ସ୍ୱାଭାବିକ ମନେ ହୁଏ ।

"ଧର୍ମପଦ"ରେ କାବ୍ୟକଳାର କୁଟିଳତା ବା ଶିଳ୍ପର ସୌକୁମାର୍ଯ୍ୟ ନିମନ୍ତେ ପ୍ରୟାସ ହୋଇନାହିଁ । ଏହି କିମ୍ବଦନ୍ତୀର ଅବଲମ୍ବନରେ ଖଣ୍ଡିଏ ଉପନ୍ୟାସ ଲେଖିବାକୁ ମନେ ବିଚାରୁଥିଲି । ମାତ୍ର ତାହାର ଆକାର ଦୀର୍ଘ ହେବ ଏବଂ ତାହା ସମୟ ଓ ଧୈର୍ଯ୍ୟସାପେକ୍ଷ । କାରାଗାରରେ ମୋ ପରି ସାଧାରଣ ପ୍ରକୃତିର ଜଣେ ବନ୍ଦୀ ପକ୍ଷରେ ସେପରି ଧୈର୍ଯ୍ୟ ଓ ମନୋନିବେଶ ସହଜ ନୁହେ । ତେଣୁ ସେ କଳ୍ପନା ଛାଡ଼ି ବାଲ୍ୟ ଅଭ୍ୟାସର ବଶବର୍ତ୍ତୀ ହୋଇ କେବଳ ପଦ ମିଳାଇ "ଧର୍ମପଦ" ଓ ସେହିପରି ଅନ୍ୟାନ୍ୟ କେତେକ ପଦ୍ୟ ଲେଖି କାରାର ନୀରସ ନିର୍ଜନତାରେ ଆତ୍ମପ୍ରସାଦ ଲାଭ କରୁଥିଲି । କବିତାର ମୋହନମାଧୁରୀରେ ଆକୃଷ୍ଟ ନ ହେଲେ ସୁଦ୍ଧା ନିର୍ଜନବନ୍ଦୀର ନିଭୃତ ବିକ୍ଷିପ୍ତ ପ୍ରାଣର ସ୍ପନ୍ଦନରେ ସହାନୁଭୂତି କରି "ଧର୍ମପଦ" ପଢ଼ିବା ଦ୍ୱାରା ଉତ୍କଳବାସୀ ନିଜ ଜାତୀୟ ଗୌରବରେ କ୍ଷଣକ ଲାଗି ଅନୁପ୍ରାଣିତ ହେଲେ ପରମ ପ୍ରୀତି ଓ ଆହ୍ଲାଦ ଲାଭ କରିବି । ଇତି ।

ଗୋପବନ୍ଧୁ ଦାସ

# ଧର୍ମପଦ

( ୧ )

ବାରବରଷର ବାଳୁତ ପୁଅ ସେ
ବୁଦ୍ଧିମନ୍ତ ସୁକୁମାର,
ଦେଖିନାହିଁ କବା ଶୁଣି ନାହିଁ କେବେ
କିଏ ସେ ବାପ ତାହାର ।

ଜନମୀ-କୋଳରେ ବଢ଼ିଛି ଖେଳରେ
ଆଜନମୁଁ ଅତିସୁଖେ,
ମଅ ବୋଲ କେବେ ମାଆଙ୍କ ବୋଲବା
ଆଣି ନାହିଁ ହେଲେ ମୁଖେ ।

ସ୍ୱାମୀଙ୍କ ବରହ ଭୁଲିଛନ୍ତି ମାତା
ପୁଅ ବଦନ ଅନାଇଁ,
ଦେହରେ ଟିକଏ ପଡ଼ିଗଲେ ଧୂଳି
ସହି ନ ପାରନ୍ତି ଗୃହିଁ ।

ଶଇଶବ କାଳୁଁ କୁଳ-କାରଗର
ଶିଖାନ୍ତି ଅତି ଯତନେ,
ଯାହା ଦେଖେ ଶୁଣେ ଶ୍ରୁତିଧର ପରି
ସବୁ ସେ ରଖଇ ମନେ

ଶିଶୁଗଣ ମେଳେ ଦାଣ୍ଡଧୂଳି ଖେଳେ
କରେ କେତେ ନବ ସୃଷ୍ଟି,
ତୋଳଇ ଦେଉଳ, ଗଢ଼ଇ ଅଟ୍ଟାଳି
ଧନ୍ୟ ବିଚକ୍ଷଣ ଦୃଷ୍ଟି ।

ଦେଖି କାରିଗରି ତା କଳାଚାତୁରୀ
ଆଶ୍ଚର୍ଯ୍ୟ ମଣନ୍ତି ଜନେ;
କହନ୍ତି, "ଆୟୁଷ ଥିଲେ ଏ ପିଲାଟି
ହେବ କେତେ ଲୋକେ ଜଣେ ।"

ପଚାରଇ ପୁଅ ଯେବେ ଶିଳ୍ପତତ୍ତ୍ୱ,
କହନ୍ତି ମାତା ଉତ୍ତରେ,
"ପଢ଼ିଲେ ଜାଣିବୁ ସବୁ ଆରେ ଧନ,
ପୋଥି ଅଛି ଆମ ଘରେ ।"

ପାଞ୍ଚବର୍ଷ ବେଳେ ଗ୍ରାମ ଚାଟଶାଳେ
ଓଳିଆ ଛୁଆଁଇଲେ ଖଡ଼ି,
ଚାହୁଁ ଚାହୁଁ ପୁଅ ଅଳପ ଦିନରେ
ଗଲା ସବୁ ପାଠ ପଢ଼ି ।

ଗୀତା ଭାଗବତ ପୁରାଣଚରିତ
ହୋଇଲା ଅଭ୍ୟାସ ତାର,
ଦେବାଳୟ ତୋଳା ପୁଷ୍କରିଣୀ ଖୋଳା
ସ୍ୱଭାବ ଯେତେ ପ୍ରକାର ।

ସଙ୍ଗ ଗୃଠ କେତେ    ସହି ନ ପାରନ୍ତି
ଆନେ କରନ୍ତି ଆଦର,
ସମସ୍ତଙ୍କଠାରେ    ସମ ସ୍ନେହ ତାର,
ନାହିଁ କେହି ପରାପର ।

ଗୃହାଳୀରୁ ଆସି    ଘରେ ଶିଳ୍ପଶାସ୍ତ୍ର
ପଢ଼େ କରି ଏକ ଲକ୍ଷ୍ୟ,
କାଠ ପାଷାଣରେ    ଗଢ଼ଇ ମୂରତି
କେତେ ରଥ ଦେବାଳୟ ।

ଦିନେ ଗୃହାଳୀରୁ    ଫେରିଆସି ପୁଅ
ଉଭା ହେଲା ମାତା ପାଶେ;
ଆଖି ଥନଥନ,    ବଦନ ମଳିନ,
ତୁଣ୍ଡରେ କଥା ନ ଆସେ ।

ପୁଅକୁ ଅନାଇଁ    ମାତା ଅତି ଛନ୍ନେ
ପଚ୍ଚରନ୍ତି ବେଗେ ଦୁଃଖେ,
"କିପାଇଁ ରେ ଧନ    ବିରସ ତୋ' ମନ,
ହସ ନାହିଁ କମ୍ପା ମୁଖେ ?

ଗୃହାଳୀରୁ ଫେରି    ଆନ ଦିନ କହୁ
ହରଷରେ କେତେ କଥା,
ଆଜ ତୋ ଏ ରୀତି    ଦେଖି ମୋର ଛାତି
ଲାଗଇ ପରାଣେ ବଥା ।

ଦେଉଛନ୍ତି ଦଣ୍ଡ ଅବଧାନେ, ଅବା
ଗାଳିଦେଲେ ଆନ ଗୃହେ,
ହୀନମାନ କରି କଏ କି କହିଲି
କିବା ଧାଡ଼େ ବାଟେ ଘାଟେ ?

ଫେଡ଼ି କହ ବାବୁ, ଘଟିଛି ଯା ସବୁ
ଭୁଟି ମୋ ମନୁଁ ସନ୍ଦେହ,
ମୁଁ ତ ଜାଣେ ତୋର ଗୁଣ ଆଚରଣେ
ସମସ୍ତେ କରନ୍ତି ସ୍ନେହ ।

କାନ୍ଦି କାନ୍ଦି ହୋଇ କପାଇଁ ରେ ବାଇ
କଥା ନ ଆଣୁଛୁ ମୁଖେ ?
ନ ଜାଣୁ କି ବାବୁ, ତୋ ଏ ଭାବ ଦେଖି
ବଜ୍ର ପଡ଼ିଲି ମୋ ବୁକେ !
ଲକ୍ଷେ ଦେବଦେବୀ— ପାଦ ସେବି ସେବି
ପାଇଛୁ ରେ ତତେ ଧନ !
କେତେ ମରି ମରି ରଙ୍କୁଣୀ ସଙ୍ଗାଳି
ତୁ ମୋର ଜୀବ-ଜୀବନ ।
ତତେ ଚୃହିଁ ସିନା କାଟୁଛି ମୁଁ ଦିନ
ଏକାକିନୀ ଏତେ କାଳ,
କହ ମନକଥା ମୋ କୁଳ-ଚନ୍ଦ୍ରମା
ଭିକାରୁଣୀ ଗଳାମାଳ ।"

0131||



ମାତା ଆଶ୍ୱାସନା ପାଇ ପଚ୍ଛେ ପୁଅ
ତେଜିଣ ମନୁଁ ସନ୍ତାପ,
"କହ ମା, ସତେ କି ଅଛି ଆମ କୁଳ
କହ କିଏ ସେ ମୋ ବାପ ?"

କହନ୍ତି ଜନନୀ, "କେବେ ତ ଏ କଥା
ପଚ୍ଛରି ନ ଥିଲୁ ଥରେ,
ଗୃହାଳୀରୁ ଆସି କପାଁ ବାବୁ ଆଜ
ପଚ୍ଛରୁ ଏଡ଼େ କାତରେ ?"

କହେ ପୁଅ, "ଆଜ ଗୃହାଳୀରେ ଗୃଟେ
କହିଲେ ମତେ ଯେ କଥା,
ଲାଜ ଅପମାନେ ଗଲି ମୁହିଁ ସଢ଼ି
ଟେକି ନ ପାରିଲି ମଥା

ଗୃହାଳୀରେ ଯେବେ ଲେଖୁଥିଲି ପାଠ
ଗୋଠାଳ ମୋ ଗଲା ଗଡ଼ି,
ନିକଟ ପିଲାକୁ କହିଲି ହେ ଭାଇ
ବତାଇ ଦିଅ ସେ ଖଡ଼ି ।

ମୋ କଥାରେ ସେ ତ ଦେଲା ନାହିଁ ଖଡ଼ି,
କହି କଲା ଉପହାସ !
'ଭାଇ ଡାକ ଆଜ୍ଞା— ଦିଏ ଅବାବୁଆ,
ଏହାର କେଡ଼େ ସାହସ !'

ନ କହଣ କହୁ ଅଳପେ ହସିଲେ
ତହୁଁ ଆନ ପିଲାମାନେ,
ଲାଜେ ମଥା ପୋତି ଗୋଠାଳ ଉଠାଇ
ଆଣି ବସିଲ ମୋ ଥାନେ ।

ନ କର ସଙ୍କୋଚ ଫେଡ଼ି ସତ କହ
ଛୁଇଁ କରି ଏ ମୋ ଦେହ,
ଆମ କୁଳକଥା, କାହାନ୍ତି ମୋ ପିତା,
ଯାଉ ମୋ ଭ୍ରମ ସନ୍ଦେହ ।"

କୋପେ ଜରଜର ଜନନୀ ସତ୍ୱର
ଭାଷନ୍ତି ଉଚ୍ଚେ ବଚନ,
"କିଏ ସେହୁ ପିଲା ଦେଲା ଏହିପରି
ଅପମାନ ଅକାରଣ ?

ତା ମା' ଏଡ଼େ ସଖି, ମୋ ପୁଅକୁ ପୁଣି
କହେ ସେ ଅଣବାପୁଆ,
ତା କଥାରେ ଛଳ କରି କି ବା ଫଳ
ସେ ବି ତ ଅଜ୍ଞାନ ଛୁଆ ।

ବୁଢ଼ା ବୁଢ଼ୀମାନେ କହୁଥାନ୍ତି ଯାହା
ଶୁଣିଛୁ ମୁଁ ପିଲାବେଳେ,
ପୂରବ ପୁରୁଷ ଯଶ ପଉରୁଷ
ବୁଝି ବାବୁ ଏଥୁଁ ହେଲେ ।

ସୃଷ୍ଟି ଆଦ୍ୟକାଳୁଁ    ବିଶ୍ୱକର୍ମା, ତହୁଁ,
ଆମ କୁଳ ଉତପତ୍ତି,
ଏ କୁଳର ବଡ଼—    ବଡ଼େ ରଖିଛନ୍ତି
କେତେ ଅକ୍ଷୟ କୀରତି ।

ଇନ୍ଦ୍ରଦ୍ୟୁମ୍ନ ରାଜା    ତୋଳାଇଲେ ଯେବେ
ଶ୍ରୀକ୍ଷେତ୍ରେ ବଡ଼ ଦେଉଳ,
ହକାରିଣ ନାନା    ଦେଶୁଁ କାରିଗର ।
କରାଇଲେ ଆଗେ ଠୁଳ ।

ପରଖି ସକଳେ    ଯୋଗ୍ୟ ଶିଳ୍ପୀ ବାଛି
ଲଗାଇଥିଲେ ସେ କାମେ,
ତୋ ପୂର୍ବପୁରୁଷେ—    ଶିରେ ଦେଲେ ଶାଢ଼ୀ
ପୁଣ୍ୟ ନୀଳାଚଳ ଧାମେ ।

କେତେ କାଳ ଅନ୍ତେ    ସେ ମନ୍ଦିର ଯେବେ
ସଂସ୍କାର କଲେ ଯଯାତି,
ତୋ ପୂର୍ବପୁରୁଷେ    ସେତେବେଳେ ତହିଁ
ରଖିଥିଲେ ବଂଶ-ଖ୍ୟାତି ।

ଶେଷେ ସେ ଦେଉଳ    ତୋଳାଇଲେ ପୁଣି
ଶ୍ରୀ ଅନଙ୍ଗଭୀମ ରାଏ,
ଉତ୍କଳେ ଅକ୍ଷୟ    କୀର୍ତ୍ତିସ୍ତମ୍ଭ ପ୍ରାଏ
ଶୋଭେ ଯାହା ଆଜଯାଏ ।

ତୋ ପୂର୍ବପୁରୁଷ— ବୁଦ୍ଧି କାରିଗର
ରହିଅଛୁ ତହିଁ ଜାଣ,
ଏଥିରୁ ରେ ବାବୁ ବୁଝ ତୁ ଆପଣା
ବଂଶ ବଡ଼ିମା ପ୍ରମାଣ ।

ଖଣ୍ଡଗିରି-ଦେହେ ବିରଚିଲେ ଗୁମ୍ଫା
ଏହି ବଂଶ-କାରିଗରେ,
ଯହିଁ ଖାରବେଲ— ଶାସନ-ନିଦେଶ
ରାଜେ ଅମର ଅକ୍ଷରେ ।
ରାଣୀହଂସପୁରେ ଶେଷ ଜୀବନରେ
ରାଣୀ ସଙ୍ଗେ ନରପତି,
ଯୋଗିଜନ ମେଳେ ରହିଲେ ନିଷ୍ଠାଳେ
ତେଜି ରାଜ୍ୟ ହେଲେ ଯତି ।
ବୈତରଣୀ-କୂଳେ ଯଯାତିକେଶରୀ
କଲେ ଯେବେ ମହାଯାଗ.
ସରଗୁଁ ଦେବତା ଆସିଥିଲେ ତହିଁ
ନେବା ଲାଗି ଯେଝା ଭାଗ ।

ବନ ପରବତେ ବୈତରଣୀ-ସ୍ରୋତେ
ହେଲା ବେଦ-ପ୍ରତିଧ୍ୱନି,
ଯଜ୍ଞ-ଅନଳରୁ ଉଠିଲା ବିରଜା
ଉଜ୍ଜ୍ୱଳ ଯେବେ ଅବନୀ ।

ଗଢ଼ିଲେ ଯେ ଶିଳ୍ପୀ ପୁଣ୍ୟ ଶୁଭସ୍ତମ୍ଭ
ସପ୍ତମାତୃକା ମୂରତି,
ନ କର ସଂଶୟ ଜାଣ ଆପଣାକୁ
ତାଙ୍କର ବଂଶ ସନ୍ତତି ।

ଏକାମ୍ର କାନନେ ଲଲାଟେନ୍ଦୁ-କୀର୍ତ୍ତି
ଅନୁପମ ଦେବାଳୟ,
ନିର୍ମିଲେ ଯେ, ତାଙ୍କ ରକ୍ତ ତୋ ଶରୀରେ
ତୁ ତାଙ୍କ କୁଳ-ତନୟ ।

ବାରବାଟି ଦୁର୍ଗ ମରାମତି ଲାଗି
ଶଗୁଡ଼େ ଗଲେ କଟକ,
ଯଥାକାଳେ କାମ ନ ସରିଲା ବୋଲି
ରହିଲେ ତହିଁ ଅଟକ ।

ବାହୁଡ଼ ନାହାନ୍ତି ଘରକୁ ସେ ଆଉ
କଟକେ ତେଜିଲେ ପ୍ରାଣ,
ସେହି ଭାବନାରେ ମଲେ ଶାଶୁ ମୋର
ଶୋକେ ହୋଇ ହତଜ୍ଞାନ ।

ଯେଉଁ ଦିନୁ ତୋର ବାପା ଯାଇଛନ୍ତି
ଘର ଛାଡ଼ି ପରବାସ,
ମୋ ଦେହରୁ ବାବୁ ଶୁଖିଛି ରକତ
ନାହିଁ ମୋ ଜୀବନେ ଆଶ ।

ଦିନେ ଗଲେ ମତେ ଯୁଗ ପରି ଲାଗେ
ମରୁଛି ମୁଁ ଭାଳି ଭାଳି,
ରହିଅଛି ସିନା ତୋ ମୁହଁ ଅନାଇଁ
ତୁ ମୋ ନୟନ-ସଙ୍ଖାଳି ।”

ଏହିପରି କଥା କହୁଁ କହୁଁ ମାତା
ହୋଇଲେ ଅତି ବିକଳ,
ତଳେ ମୁହଁ ପୋତି ଝଲପିଲେ ସତୀ
ବହେ ଅଶ୍ରୁ ଅବିରଳ ।

“କିପାଇଁ କହ ମା, କାନ୍ଦୁଛ କାତରେ,
ଚକିତେ ପଚାରେ ପୁଅ,
ବସି ମାତାକୋଳେ ବସନ ଅଞ୍ଚଳେ
ପୋଛେ ତାଙ୍କ ନେତ୍ର ଲୁହ ।

“କାହାନ୍ତି ମୋ ବାପ, କେତେ ଦିନହେଲା
କି କାର୍ଯ୍ୟେ ଗଲେ ସେ କାହିଁ ?
କେତେ ଦୂର ପଥ ଏଥୁଁ ସେ ରାଇଜ,
ମୁଁ କି ନ ପାରିବି ଯାଇ ?

ନ ଆସେ କି ତହୁଁ ବାରତା ଏଠାକୁ
ଅଛନ୍ତି ଟିକି ସେ ଭଲେ ?
ପିବାର ଉପାୟ କହ ମା ତୁରିତେ
ବାର୍ତ୍ତା ଆଣିବି ମୁଁ ଗଲେ ।”

ପୁଅର ମଧୁର          କୋମଳ ବଚନେ
ମାତା ପାଇଲେ ଆଶ୍ୱାସ,
ଚୁମ୍ବି ପୁତ୍ର ମୁଖ          କହନ୍ତି ଆହ୍ଲାଦେ
ପକାଇ ଦୀର୍ଘ ନିଶ୍ୱାସ ।

"ମରିଯାଏଁ ମୁଁ ଲୋ,          କି ବକିଲେ ଲୁହ
ପୋଛି ଦିଅଇ ମୋ ଧନ,
ଏହି ଭରସାରେ          ବାର ବର୍ଷ ହେଲା
ରହିଛି ଧରି ଜୀବନ ।

ବାର ବର୍ଷ ହେଲା          ଯାଇଛନ୍ତି ବାପ
ଦେଉଳ ଗଢ଼ିବା ପାଇଁ,
ତୋଳାଉଛନ୍ତି ଯା          ନରସିଂହ ଦେବ
ଗଜପତି ନରସାଇଁ ।

ଚନ୍ଦ୍ରଭାଗା ତୀର୍ଥେ          ସାଗର ପନ୍ତାରେ
ଗଢ଼ା ହେଉଛି ଦେଉଳ;
କହୁଛନ୍ତି ରାଜା,          'କଳା-କଉଶଳେ
ବିଶ୍ୱେ ସେ ହେବ ଅତୁଳ ।'

ଶିବାଇ ସାଁତରା          ସୁରତ ପଧାନ
ବିଶ୍ୱକର୍ମା-କୁଳ ରାଇ,
ଭଲ କାରିଗର          ବାଛି ଲଗାଇଲେ
କାମେ ବାରଶ ବଢ଼ାଇ ।

ସେହି ଡାକରରେ    ଗଲେ ଯେ ତୋ ବାପ
ବାହୁଡ଼ି ନାହାନ୍ତି ଘରେ,
ସେତେବେଳେ ତୁ ମୋ    ଗର୍ଭେ ଚାରି ମାସ,
ଜନ୍ମିଲୁ ଛ ମାସ ପରେ ।

କହୁଥିଲେ ଲୋକେ    ହେବ ସେ ଦେଉଳ
ଧର୍ମଦେବତାଙ୍କ ରଥ,
ପୂର୍ବେ ଦୁର୍ଗ ରୂପେ    ଉତ୍କଳର ପୁଣି
ଓଗାଳବ ସିନ୍ଧୁ-ପଥ ।

ଧର୍ମଦେବତାଙ୍କ    ଦେଉଳରେ ବାପ
କରୁଛନ୍ତି ବୋଲି କାମ,
ସୁମରଣ ତାଙ୍କୁ    ଶରଧାରେ ଦେଲି
ଧର୍ମପଦ ତୋର ନାମ ।

ଦେଖି ନାହିଁ ତୀର୍ଥ    ଶୁଣିଛି କେବଳ
'ସାତ ଥର ଯିବ ଗଙ୍ଗା,
ଥରେ କେହି ଯେବେ    ଯିବ ଚନ୍ଦ୍ରଭାଗା
ମୁହଁ ପଡ଼ିଯିବ ରଙ୍ଗା ।'

ଯିବା ଦିନୁଁ ବାପ    ବାର ବର୍ଷ ହେଲା
ପାଇନାହିଁ ମୁଁ ବାରତା,
ତାଙ୍କ ଲାଗି ନିତ    ପହ୍ଲାଇ ବସାଇ
ପୂଜଇ ପଞ୍ଚ-ଦେବତା ।

ଅଖଣ୍ଡଳ ଜାଲି ଗ୍ରାମଦେବତାଙ୍କ
ପାଦେ ପଡ଼େ ଅନୁକ୍ଷଣ,
ରବିବାର-ବ୍ରତ ପାଳି ମୁଁ ପଶିଛି
ଧର୍ମଦେବତା ଶରଣ ।"

କହେ ପୁଅ ତହୁଁ, "ଯିବ ଚନ୍ଦ୍ରଭାଗା,
କରିବ ବାପାଙ୍କୁ ଦେଖା;
ଆଣିବ ତାଙ୍କର କୁଶଳ ବାରତା
ତାଙ୍କ ନିଜ ହାତଲେଖା ।"

"ମୋ ନେତ୍ରପିତୁଳ, ଗୁଡ଼ି କରେ ତତେ
ପାରିବ ମୁଁ କ୍ଷଣେ ବଞ୍ଚି ?
ମୋ ଅନ୍ଧାର ଘରେ ତୁ ଏକା ପ୍ରଦୀପ
ମୋ ହୃଦ-ସିନ୍ଧୁକ କଞ୍ଚି ।

ଆହୁଲ ତୁ ମୋର ଜୀବନ-ବୋଇତେ
ଅନ୍ଧର ଆଶ୍ରା-ଲଉଡ଼ି,
ତୋ ବିନେ ନ ଚଳି ଯିବ ସିନା ବାବୁ
ଶୋକ-ସିନ୍ଧୁ ଜଳେ ବୁଡ଼ି ।"

କହେ ପୁଅ ପୁଣି ବୋଲାଇ ସାଦରେ
"ଯିବ ନିଶ୍ଚେ ବାପ ପାଶ,
ମନ ତୋଷେ ମାଗୋ, ଦିଅ ଅନୁମତି
ଫେରିବ ନ ପୂରୁ ମାସ ।

ବାପ ସଙ୍ଗେ ତହିଁ ଦେଖିବ ସୁଯୋଗ୍ୟ
ଜାତିପୁଅ ଶତ ଶତ,
ଦେଖିବ କିପରି ଗଢ଼ା ହେଉଅଛି
ଧର୍ମଦେବତାଙ୍କ ରଥ ।

ଚନ୍ଦ୍ରଭାଗା ତୀର୍ଥେ ସ୍ନାନ କରି ସୁଖେ
ଦେଖିବ ସୂର୍ଯ୍ୟ-ଉଦୟ,
କର ନାହିଁ ଭୟ କହ ମା, ବାପାଙ୍କୁ
ଦେବି ମୁଁ କି ପରିଚୟ ?"

କହନ୍ତି ମା, "ବାବୁ, ଯିବା ଲାଗି ଯେବେ
କରିଅଛୁ ଦୃଢ଼ପଣ,
କିମ୍ପା ନିବାରିବି, ନିବାରଣେ ସିନା
ହେବ ତୋ ମନେ କଷଣ ।

ଦେଖି ବାପ ତତେ ହେବେ ହରଷିତ
ହୃଦେ, ତୁ ଯିବୁ ପରତେ,
ଦେଖିବୁ ଆବର ଓଡ଼ିଆ-ଶିଳ୍ପୀର
ଅଦ୍ଭୁତ କର୍ମ ଜଗତେ ।

ବୟସରେ ତୁହି ହେଲେହେଁ ବାଳୁତ
ବୁଦ୍ଧି ତୋର ସୁକୁମାର;
ବୁଝାଇ ବିଶେଷେ କହିବି ମୁଁ କିସ ?
କର ଯାହା ତୋ ବିଚାର ।"

କହିଲେ ଆବର ବାପ ନାମ ତାର
ଭୂମିରେ ସେ ଦେଇ ଲେଖି,
"ବାପ ପୁଅଙ୍କର ହେବ ଚହ୍ନାଚହ୍ନି
ହେବା ମାତ୍ରେ ଦେଖାଦେଖି ।

ତୋ ରୂପ ଆକୃତି ପିତୃ-ପ୍ରତିକୃତି
ଏକା ଛାଞ୍ଚେ ଯେହ୍ନେ ଢ଼ଳା,
ନେତ୍ରେ ନାସା ଆସ୍ୟ ଲଲାଟେ ପ୍ରକାଶ
ବାପ ମୁଖ ଚକ୍ଷାଲକଳା ।

ନୟନେ ନୟନ ହେଲେ ଭେଟାଭେଟି
ହେବ ପରାଣ ମିଳନ,
ଯେ ଯାହାର ତାକୁ ଲୋଡ଼େ ସେ ସହଜେ
କରିବାକୁ ଆଲିଙ୍ଗନ ।

ତଥାପି ନ ବଳେ ମନ ତତେ ଏକା
ଛାଡ଼ିବାକୁ ଏତେ ଦୂର"
"ନ ଡର ଲୋ ବୋଉ ସଙ୍ଗେ ଯିବ ମୋର
ଘର ବଳଆ କୁକୁର ।

ବଳଆ ବାପାଙ୍କୁ ନ ଚହ୍ନିଲେ ତାକୁ
ବାପା ଚହ୍ନିବେ ନିଶ୍ଚୟ,
ଗ୍ରାମ ନାମ ମୋର ଜନମ-ବୃତ୍ତାନ୍ତ
କହି ଦେବି ପରିଚୟ ।"

ମହୁଯାଏ ଆହା ମୋ ଧନମାଳୀର
କେଡ଼େ ବୁଦ୍ଧି କ ସାହସ !
ଜଗନ୍ନାଥେ କୃପା କଲେ ତୁ ରଖିବୁ
କୁଳ ଗଉରବ ଯଶ ।"

( ୨ )

ତ୍ରୟୋଦଶୀ ତିଥି ଶୁଭ ବେଳ ଦେଖି
ପୁଅ କଲ ଅନୁକୂଳ,
ଜାଗୁଲାଇ ପୂଜ କାନରେ ଜନମୀ
ବାନ୍ଧଲେ ପ୍ରସାଦ-ଫୁଲ ।

ସ୍ୱାମୀ ଲଗି ପୁଣି ବାଡ଼-ବରକୋଳି
ଦେଲେ ଯାଉଁଳରେ ବାନ୍ଧି,
କହିଲେ, "ଏଥିରେ ବାପଙ୍କ ଶରଧା
ନେବୁ ଯତନେ ସମ୍ପାଦି ।

ବଳଆ ସଙ୍ଗତେ ବାଡ଼-ବରକୋଳି
ହେବ ଆନ ପରିଚୟ,
ଲକ୍ଷ୍ମୀ ନରସିଂହ ଶ୍ରୀଦୁର୍ଗା ମାଧବ
ହୁଅନ୍ତୁ ତୋର ଆଶ୍ରୟ ।"

ଘାର ଧର୍ମପଦ        ମାତା ଆଶୀର୍ବାଦ
ଘେନି ହୋଇଲା ବାହାର,
ଯାଏ ପୂର୍ବ ମୁଖେ        ବଳିଆ କୁକୁର
ଗୃଲେ ପଛେ ପଛେ ତାର ।

ଅପନ୍ତରା ବାଟ        କେତେ ବେଣାପାଟ
ବନ ବିଲ ନଦୀ ସର,
ଗୃଲେ ଧର୍ମପଦ        ନ ଗଣି ବିପଦ
ଦିବା ନିଶି ନିରନ୍ତର ।

ଗୁଡ଼ିକଙ୍କ ପଛେ        ଗୋଡ଼ାଏ ଉତ୍ସାହେ
ବଳିଆ ଧାଏଁ ତା ପଛେ,
ଚନ୍ଦ୍ରଭାଗା-ଯାତ୍ରୀ        ଧର୍ମପଦ ବୋଲି
ଲେଖେ କାହିଁ ବାଟ ଗଚ୍ଛେ ।

ପଗୃର ପଗୃର        ଚନ୍ଦ୍ରଭାଗା ଘର୍ଥେ
ହେଲା ଯାଇଁ ପରବେଶ,
ଲାଗିଛନ୍ତି ଯହିଁ        ବାରଶ ବଢ଼ାଇ
ବିଶ୍ରାମ ନାହିଁ ନିମେଷ ।

ଦିନ ରାତି ଯହିଁ        ଜଣା ନ ପଡ଼ଇ
ମୁଖରିତ ନିରନ୍ତର,
ଭୋଜନ ଶୟନ        ଛାଡ଼ି ଲାଗିଛନ୍ତି
ପ୍ରାଣପଣେ କାରିଗର ।

ଶ୍ରୀ ଉତ୍କଳ ସଂଘ ଲାଇବ୍ରେରୀ
ନଂ.........
ଧର୍ମପଦ.........
ରାଉରକେଲା



ବାର ବରଷର ସରଳ ବାଳକ
ସେ ଅଚହ୍ନା ସ୍ଥାନେ ଏକା,
ଚକିତେ ଚୌଦିଗେ ଅନାଇଁ ଚମ୍ଭୃତ
ବାପର ନ ପାଇ ଦେଖା ।

ଭାବୁଚିରେ, "କାହାକୁ ପଚାରିବ ଏଥି
କିଏ ବା ଦେବ ଉତ୍ତର,
ସର୍ବେ କର୍ମେ ରତ ଏକକୁ ଆରେକ
ଚିହ୍ନିବାକୁ ନାହିଁ ଡର ।"

ଅବସର ବୁଝି କୋଳି ବକି ବ୍ୟାଜେ
ବୁଲେ ସେ ଜନଗହଳେ,
ରସାଳ ପୃଥୁଳ ସେ ବଦରି ଫଳ
ଯେ ଦେଖେ ତା ମନ ବଳେ ।

ଜଣେ କେହି ଶିଳ୍ପୀ ଘର କଥା ଭାବି
ମରମେ ଆହତ ଅତି,
କହେ "ମୋ ବାଡ଼ରେ ଫଳୁଥିବ ଆହା
କେତେ କୋଳି ଏହିମତି ।"

କୋଳବଢ଼ା ପିଲା— ମୁହଁକୁ ଅନାଇଁ
କିଛି ନ ପାରଇ କହି,
ନ ଜାଣେ ଅପୂର୍ବ ବାତ୍ସଲ୍ୟ-ମମତା
କିପାଁ ହୃଦେ ଉପୁଜଇ ।

ବାଳକ ବଚନ ଶୁଣି କୁତୂହଳେ
ପୁଲକେ ପୂରେ ପରାଣ,
କୁକୁରକୁ ଦେଖି ଅନ୍ତର ଇଙ୍ଗିତେ
କରେ ସେ ସତ୍ୟ ପ୍ରମାଣ ।

ଗ୍ରାମ ନାମ ଆଦି ପଚାରି ପାଇଲା
ଯେବେ ପୁତ୍ର-ପରିଚୟ,
ବାଳକ-ବଦନ ଚୁମ୍ବିଲା ସେନେହେ,
ଚରଣେ ନମେ ତନୟ ।

ବାପ ପୁଅ ବେନି ଗଲେ ବସାଘରେ
ପକାଇଲେ କେତେ କଥା,
କହେ ଶିଳ୍ପୀ, "ବେଗେ ଯାଉଛି କାମକୁ
ନ ଗଲେ ନ ରହେ ମଥା ।"

'କିପାଁ ଏ ଉଦ୍‌ବେଗ' ପାଇ ମନେ ଖେଦ
ପଚାରେ କାତରେ ପୁଅ,
ବୃଦ୍ଧ ଶିଳ୍ପୀ ମୁଖେ ବଚନ ନ ସ୍ଫୁରେ
ନୟନୁଁ ବହଇ ଲୁହ ।

କ୍ଷଣକ ଅନ୍ତରେ କହନ୍ତି ବୃଦ୍ଧ ପୁଣି
"ଥିଲା ମୋ ପୂର୍ବ ସୁକୃତ
ଅନ୍ତକାଳେ ତତେ ଦେଖି ଏଥି ବାବୁ
ହେଲି ଏବେ କୃତକୃତ୍ୟ ।

ବାର ବର୍ଷ ହେଲା ଲାଗିଲାଣି କାମ
ମୁଦା ନ ହେଲା ଦେଉଳ,
କାଳ-ଅନ୍ତକମେ ରାଜା ନରସିଂହ
ଦାରୁଣ ଦୁଃଖେ ଆକୁଳ ।

ଦୁଇ ଦିନ ମଧ୍ୟେ ପୂରିବ ଦେଉଳ
ନ ରହିବ କିଛି ଶେଷ,
'ନ ହେଲେ କାଟିବ ବଢ଼ାଇଙ୍କ ମୁଣ୍ଡ'
ହୋଇଛି ରାଜା ଆଦେଶ ।

ଦୁଇ ଦିନୁଁ ଦିନେ ହେଲାଣି ଅତୀତ
ଆଉ କାଲି ଦିନ ବାକି,
ନିରାଶେ କାତର ସର୍ବେ କାରିଗର
କାମକୁ ନ ପାଏ ଆଖି ।

ନଦୀ-ଗର୍ଭେ ହେଲା ଦେଉଳ ପତନ
ରହିଲା ତହିଁ କ ଦୋଷ,
କେଜାଣି କାହାର ଅପରାଧେ ଅବା
ଗ୍ରହରାଜ କଲେ ରୋଷ !

କଳେ ଯେତେ ଯନ୍ତ୍ର ନ ପୂରେ ଦେଉଳ
ନ ବସେ ଦଣ୍ଡ-ନଉତି,
ଉପାୟ ନ ଦେଖି କାରିଗରଙ୍କର
ହଜିଲାଣି ବୁଦ୍ଧିବୃତ୍ତି ।

ଗୁମ୍ଫରୁ ଆଦେଶ— ମନ୍ଦିର-ମୁକୁଟେ
ହେବ ଚୁମ୍ବକ ଖଚିତ,
ପ୍ରଭାବେ ଯାହାର ମହୋଦଧି-ବକ୍ଷେ
ନ ଯିବ ଶସ୍ତ୍ର-ବୋଇତ ।

ବାରଶ ବଢ଼ାଇ ଏକୁଁ ଏକ ସର୍ବେ
ଶିଳ୍ପବିଦ୍ୟା-ବିଶାରଦ
ଗଢ଼ିଛନ୍ତି କେତେ ଦେଉଳ ଅଟ୍ଟାଳି
ସେତୁ ଦୁର୍ଗ ଜନପଦ ।

ଯେଝା ବୁଦ୍ଧିବଳେ ଗଢ଼ନ୍ତି ପଥର
ଖସି ସବୁ ପଡ଼େ ତଳେ,
ଦେଉଳ ମୁଣ୍ଡିବା ବୁଦ୍ଧି ନ ଦିଶଇ
ନିରସ୍ତ ଏବେ ସକଳେ ।

ଆଜ ନିଶି ଶେଷେ କାଲି ପ୍ରଭାତରେ
ହୋଇବ ରବି-ଉଦୟ,
ପରଦିନ ରବି ଉଇଁଣ ଦେଖିବେ
ବାରଶ ବଢ଼ାଇ କ୍ଷୟ ।

ଆଜ ସଞ୍ଜବେଳେ    କରିବେ ବିଚାର
ବସି ସବୁ କାରିଗର,
ଯାଉଛି ମୁଁ ତେଣେ,    ରହ ଏଥି ବାବୁ,
ନିଶ୍ଚିନ୍ତେ ବିଶ୍ରାମ କର ।"

ବାପର ବିଷାଦ    ଦେଖି ଧର୍ମପଦ
ଆଶ୍ଚର୍ଯ୍ୟ କହଇ ବାଣୀ—
"ସତେ ନରସିଂହ    ମହାରାଜ ଦେବ
ବାରଣ ବଢ଼ାଇ ହାଣି ?

ଉତ୍କଳର ଶିଳ୍ପି—    କୁଳ-ସୁପ୍ରସିଦ୍ଧ
ଦକ୍ଷ କାରିଗରଗଣ,
ମିଳିଛନ୍ତି ଯହିଁ,    ସେ କାର୍ଯ୍ୟ କି କେବେ
ରହିପାରେ ଅପୂରଣ ?

ନ ଥିଲେ ଆପତ୍ତି    ଦିଅ ଅନୁମତି
ସଭାସ୍ଥଳେ ଯିବା ପାଇଁ,
ଶିଳ୍ପ-ଗୂଢ଼ପ୍ରଶ୍ନ    ଶୁଣିବି, ଦେଖିବି
ବାରଣତ ଜାତି ଭାଇ ।"

ବାପ ପୁଅ ବେନି    ତତକ୍ଷଣେ ତହୁଁ
ଚଳିଗଲେ ସଭାସ୍ଥଳେ,
କଲେ ତର୍କ ଯୁକ୍ତି    ଉକ୍ତି ପ୍ରତିଉକ୍ତି
ଯେଝା ବୁଦ୍ଧି କଉଶଳେ ।

ରଥ ଦେଉଳୟ— ଗଠନ-ନିର୍ଣ୍ଣୟ
ଚୁମ୍ବକର ତତ୍ତ୍ୱମାନ,
ବୃଦ୍ଧ ଶିଳ୍ପିଗଣେ କଲେ ଆଲୋଚନା
ଦେଖାଇ ଶାସ୍ତ୍ର-ପ୍ରମାଣ ।

ରାତି ଅଧଯାଏ ଚାଲିଲା ବିଚାର
ନ ହେଲା କିଛି ମୀମାଂସା,
ଉପାୟ ନ ପାଇ ବାରଶ ବଢ଼େଇ
ଛାଡ଼ିଲେ ପରାଣ ଆଶା ।

ଯୋଡ଼ କର ବେନ ସବିନୟ ବାଣୀ
କହେ ଶେଷେ ଧର୍ମପଦ—
"ନୀଳାଚଳେ ଯେବେ ସତ୍ୟ ଜଗନ୍ନାଥ,
ନ ହେବ କିଛି ଆପଦ !
ଏକାମ୍ର-କାନନେ ସତ୍ୟେ ପ୍ରତିଷ୍ଠିତ
ଯେବେ ପ୍ରଭୁ ଲିଙ୍ଗରାଜ,
ନ ସହିବ କେବେ ନିନ୍ଦା ଅପଖ୍ୟାତି
ଉତ୍କଳ-ଶିଳ୍ପି-ସମାଜ ।
ଯାଗାନଙ୍କୁଁ ଯେବେ ସତ୍ୟ ବେଦମନ୍ତ୍ରେ
ଉଠିଥିବେ ବରଜାଣି,
ମୁଣ୍ଡ କଟା ହୋଇ ନ ମରିବେ ଏଥି
କେବେ ବାରଶ ବଢ଼ାଇ ।

ମୁଁ ଅତି ସାମାନ୍ୟ ଶିଶୁ ଅକିଞ୍ଚନ
ଜାତ ବିଶ୍ୱକର୍ମା-କୁଳେ,
ଶିଳ୍ପି ସାମନ୍ତଙ୍କ ହେବ ଯେବେ ଆଜ୍ଞା
ହାତ ଦେବି ଏ ଦେଉଳେ ।

ହିନକ ମଧ୍ୟରେ ମୁଦିବି ଦେଉଳ
ମନେ ହୁଏ ମୋ ବିଶ୍ୱାସ,
ମାଗେଁ ଏ ଆଦେଶ ଶିଳ୍ପି ସାମନ୍ତଙ୍କ
ଚରଣେ ମୁଁ ହୀନ ଦାସ ।"

ବାଳକ-ବଚନ ଶୁଣି ସଭାଜନ
ବିସ୍ମିତ ହେଲେ ସକଳ,
କହିଲେ, "ଏକଥା ଅତି ଅସମ୍ଭବ
ଶିଶୁ-ସ୍ୱଭାବ ଚପଳ ।"

ଅଭିମାନୀ କେହୁ କହଇ ଗରବେ,
"ଉଚିତ ଆମ ମରଣ,
ହିନକରେ ଯେବେ ଏକା ଏ ବାଳକ
କରେ ଦେଉଳ ପୂରଣ ।"

ଅନ୍ୟ ବୋଲେ, "ଗୁଡ଼ ଈର୍ଷା ଅହଙ୍କାର
ନାହିଁ ଏଥି ଅପମାନ,
ପୂରୁ ଦେବାଳୟ, ରହୁ ରାଜଦ୍ୱାରେ
ଶିଳ୍ପି କୁଳ-ସନମାନ ।"

"ଗୋପନେ ଯଦ୍ୟପି ନ ହେବ ଏ କାର୍ଯ୍ୟ
ଲୋକରେ ପଡ଼ିବ ଜଣା,
ବନ୍ଧା ହେବ ଶାଢ଼ୀ ଏ ବାଳକ ମୁଣ୍ଡେ
ଆମ ମୁଣ୍ଡ ହେବ ହଣା ।"

ସପକ୍ଷେ ବିପକ୍ଷେ କହିଲେ ଏପରି
କେତେ କଥା କେତେ ଜଣ,
ଅବଶେଷେ ଜଣେ ବୃଦ୍ଧଶିଳ୍ପୀ ଭଣେ
"ଶୁଣ ଭାଇ ସଭାଜନ !

ହେଲେହେଁ ବାଳକ ଶିଳ୍ପିକୁଳେ ଜାତ
ମୁଦିବ ଯେବେ ମନ୍ଦିର,
ରହିବ ଉତ୍କଳେ ଶିଳ୍ପି-ଗଉରବ
ଯାଉ ପଛେ ଆମ ଶିର ।

ପ୍ରତିଜ୍ଞା ଏହାର ଅସମ୍ଭବ ବୋଲି
ମନେ ବିଚାର ନ କର,
କାହାକୁ କି ଶକ୍ତି ଦେଇଛନ୍ତି ପ୍ରଭୁ
ଜାଣିବ ତା କାହିଁ ନର ?

ହୁଏ ଶିଶୁମୁଖେ ସତ୍ୟ ପରକାଶ
ବାଳକେ ବଳ-ଉଦୟ,
ଅସମ୍ଭବ ହୁଏ ସମ୍ଭବ ଜଗତେ
ଦୟା କଲେ ଦୟାମୟ !

ଧ୍ରୁବ ପ୍ରହ୍ଲାଦ     ପୁରାଣ ପ୍ରବାଦ
କବି-କଳ୍ପନା ନ କହ,
କାଳେ କାଳେ ଶିଶୁ     ଅସାଧ୍ୟ ସାଧିବ
ହେଲେ ପ୍ରଭୁ ଅନୁଗ୍ରହ ।

ଶୁଣିଛ ତ ସର୍ବେ     ଅଭିମନ୍ୟୁ କଥା
ବୀର-ବାଳକ-ବିକ୍ରମ,
ଶୁଣିଛ ଜନମୁଁ     ଥିଲେ ଶୁକଦେବ
ବ୍ରହ୍ମଜ୍ଞାନୀ ଅନୁପମ ।

ଶିଶୁ ବଢ଼ି କ୍ରମେ     ହୁଏ ଯୁବା ବୃଦ୍ଧ
ଚତୁର ପ୍ରବୀଣ ନର,
ପ୍ରଭାତ ଅରୁଣେ     ଲୁଚି ରହିଥାଏ
ମଧ୍ୟାହ୍ନ ତେଜ ପ୍ରଖର ।

କାଲି ଦିନ ଗତି     ରହିଅଛି ବାକି
ବିଗୁରକୁ ନାହିଁ କାଳ,
ଯାହା କରିବାର     ସ୍ଥିର କର ଏବେ
ଆଉ ଅଧିକ ନ ଭଲ ।

ଦଇବ ବିଧାନେ     ଏ ବାଳକ ଏଥି
ଯଥାକାଳେ ଉପଗତ,
ଛାଡ଼ିଦେବା ଏହା     ହାତେ ବାକି କାର୍ଯ୍ୟ
କର ସର୍ବେ ଏହି ମତ ।"

ଏହିପରି ବନ୍ଧୁ ବର୍ଷର ଶେଷରେ
ସ୍ଥିର କଲେ ଶିଳ୍ପିଗଣ,
କରନ୍ତୁ ବାଳକ କାଲି ଦିବାଗ୍ରେ
ଆଗେ ମନ୍ଦର ବାକ୍ଷଣ ।

କାଲି ସନ୍ଧ୍ୟାଯାଏ ଲଗିବା ସରବେ
କାମ ନ ହେଲେ ପୂରଣ,
ସମର୍ପି ଦେଉଳ ବାର ଶତ ଶିର
ବାଳକେ ଯିବା ଶରଣ ।

ବାଳକେ ସରବେ କଲେ ଧନ୍ୟ ଧନ୍ୟ
ଭଜିଲୁ ସଖା ତେସ ଦିନ,
ବାରଣ ବଡ଼ାଇ ଲଗିଲେ କାମରେ
ନିରାଶେ ମୁଖ ମଳିନ ।

( ୪ )

ତହିଁ ଆରଦିନ ଧର୍ମପଦ ଦେଖେ
ଦେଉଳ ଗଠନ ସ୍ଥିତି,
ପରଖେ ପତନ ପୀଢ଼ି ଖମ୍ବ କୋଣ
ଆଦ୍ୟ ପ୍ରାନ୍ତ ଅବସ୍ଥିତ ।

ବାରଣ ବଡ଼ାଇ ଲଗିଛନ୍ତି କାମେ
କରି ପ୍ରାଣ ପ୍ରାୟଶ୍ଚିତ୍ତ,
ଗଡ଼ୁଁ ଗଡ଼ୁଁ ଦିନ ହେଲା ଅବସାନ
ରବି ହେଲେ ଅସ୍ତମିତ ।

ନ ସରିଲା କାମ ନ ଦିଶଇ ଆଶା
ରାତି ମଧ୍ୟେ ପୂରିବାର,
ବାରଣ ବଡ଼ାଇ ମୁଣ୍ଡେ ହାତ ଦେଇ
ବସିଲେ ତେଜି ଆହାର ।

କହେ ଧର୍ମପଦ "ଆଜ୍ଞା ହେଲେ ମତେ
କାମେ ଦେବି ଏବେ ହାତ,
ପ୍ରଭୁ ଦୟା କଲେ ପୂରିବ ଦେଉଳ
ନ ହେଉଁ କାଲି ପ୍ରଭାତ ।"

ବାରଣ ବଡ଼ାଇ କଲେ ଧନ୍ୟ ଧନ୍ୟ
ଦେଲେ ସର୍ବେ ଆଶୀର୍ବାଦ,
"ଯାଅ ବାବୁ ଯାଅ ବିଳମ୍ବ ନ କର"
କହି କଲେ ଉଚ୍ଚ ନାଦ ।

"ରହୁ କୁଳମାନ ପୂରୁ ନରସିଂହ-
ନୃପତି ମନ କାମନା,
ବାର ବରଷର ବଡ଼ାଇ ପୁଅର
ହେଉ କୀରତି ଘୋଷଣା ।"

( ୫ )

ଆରମ୍ଭିଲ କାମ ଦେଉଳ ଶିଖରେ
ଏକ ଲୟେ ଧର୍ମପଦ,
ଆଶାର ଆନନ୍ଦେ କାରିଗରେ ଏଣେ
ଆଶଙ୍କା କଲେ ଆପଦ ।

ବାଳକ କରଣୀ ନଷ୍ଟେ ଯିବେ ଜାଣି
ନରସିଂହ ଗଜପତି,
ଏ ବାଳକ ମୁଣ୍ଡେ ବନ୍ଧା ହେବ ଶାଢ଼ୀ
ଘଟିବ ଆମ ବିପତ୍ତି ।

ଯଥା ସମୟରେ ପୂରିବ ଦେଉଳ
ଏହି ମାତ୍ର ଆଶ୍ୱାସନା,
ପରାଣ-ଭୟରେ ସବୁ କାରିଗରେ
କରନ୍ତି ନାନା ଭାବନା ।

ବସି ଏକଠାଇଁ ବାରଣ ବଢ଼ାଇ
ଆତଙ୍କେ କାଟନ୍ତି ନିଶି;
ଏହି ସମୟରେ ପୂରିଲା ଦେଉଳ,
ଅଗ୍ର-କୁମ୍ଭ ଗଲା ଦିଶି ।

ହରଷ-ବିଷାଦେ ଗୃହିଁଲେ ସକଳେ
ନିରେଖି ଦେଉଳ ଚୂଳେ,
ରାତି ଥାଉଁ ଥାଉଁ ଓହ୍ଲାଇ ମିଳିଲା
ଧର୍ମପଦ ତାଙ୍କ କୂଳେ ।

( ୬ )

ଦେଖି କାରଗରେ କରନ୍ତି ପ୍ରଶଂସା
ନାହିଁ କାହା ମନେ ସୁଖ,
ପଗ୍ଭରେ ବାଳକ, "କିପାଇଁ ଦିଶନ୍ତି
ଆପଣ ସର୍ବେ ବିମୁଖ ?

ଦରବିକସିତ କମଳ ସରସେ
କିପାଁ ହିମ ବିନ୍ଦୁମାତ୍ର ?
ଉଲ୍ଲସିତ ପ୍ରାଣେ କାହିଁ କି କାରଣେ
ଅକସ୍ମାତେ କଷାଘାତ ?"

ଜଣେ ବୃଦ୍ଧ ଶିଳ୍ପୀ କହନ୍ତି ନଗ୍ରେପି
ସମସ୍ତଙ୍କ ମନକଥା—
"ପୂରିଲା ଦେଉଳ, ହେବ ତୁମ ଯଶ
ନ ରହିବ ଆମ ମଥା ।"

ନ ଶୁଣୁ ଅଧିକ କହଇ ବାଳକ
ମୋର ସେ ଯଶେ କି ଫଳ ?
ଯେବେ ଶିଳ୍ପିକୁଳ ବାର ଶତ ଫୁଲ
ଝାଉଁଳ ପଡ଼ିବେ ତଳ ।

ମୁ ଶିଳ୍ପି କୁଳର ଅଧମ ତନୟ
ଜାତିଭାଇଙ୍କ କଙ୍କର,
ଦେଉଳ ପୂରଣେ ନାହିଁ ମୋ କରଣୀ
ସେସବୁ କାର୍ଯ୍ୟ ତୁମ୍ଭର ।

ଜାତିଭାଇଙ୍କର ଆଦେଶେ ସିନା ମୁଁ
କଲି କାର୍ଯ୍ୟ ସମ୍ପାଦନ,
ଜାତିପୁଅଙ୍କର ମୁଣ୍ଡ ଗଲେ, ମୋର
ଜୀବନେ କି ପ୍ରୟୋଜନ ?

ବାରଣ ବଢ଼ାଇ ମୋର ଜାତିଭାଇ
ଜାଣ ଏ କଥା ନିଶ୍ଚୟ,
ଯାହା ହେବ ହେବ କେବେ ନ ଘଟିବ
ତୁମ୍ଭ ଜୀବନ-ସଂଶୟ,

କେହି ନ ଜାଣନ୍ତି ମୋ ନାମ ଏଠାରେ
ନ ଜାଣିବେ କେହି ତାହା,
ନ ହେଉଁ ଆଜ ଏ ରଜନୀ ପ୍ରଭାତ
ଦେଖିବ ମୁଁ ନିଜ ରାହା ।

ରାତିକେ ଦେଉଳ ପୂରିଲା ଯେପରି
ନ ହେବ ଲୋକେ ପ୍ରକଟ,
ନ ଜାଣିଲେ ରାଜା କି ଅବା ପ୍ରଧାନ
ପଡ଼ିବ କପାଁ ସଙ୍କଟ ।

ପହରେ ମାତର ଅଛୁ ଆଉ ରାତ
ଯାଅ ବାସେ ଶୁଅ କ୍ଷଣେ,
ହେଉଛୁ ବିଦାୟ ଦଣ୍ଡବତ କର
ଜାତିଭାଇଙ୍କ ଚରଣେ ।"

( ୭ )

'ଯେ ଯାହା କୁଟୀରେ ଗଲେ କାରିଗରେ
ବାପ ସଙ୍ଗେ ଧର୍ମପଦ,
କହେ ପୁଅ, "ଏବେ ପୁଚ୍ଛିବି କଥାଏ
ମନେ ନ ଗଣ ଆପଦ ।

କହିବ ତୁରିତେ ପୁଅରେ ଦାୟ କ
ବାରଣ ବଢ଼ାଇ ଦାୟ,
ଏ ବିପୃରେ ହେବ ବାରଣ ବଢ଼ାଇ—
ପ୍ରାଣ-ଉଦ୍ଧାର-ଉପାୟ ।"

ବାପ ମନେ ଭାଲେ କେତେ ପାପଚିନ୍ତା
ମୁଖେ ଉତ୍ତର ନ ଆସେ,
ଉଭୟ ସଂକଟେ ପଡ଼ି ଯଥା ନର
ଯାଏ ନାହିଁ କେଉଁ ପାଶେ ।

ବାପର ବିଷାଦ ଦେଖି ଧର୍ମପଦ
କହେ ସୁକୋମଳ ଭାଷା,
"ବାରଣ ବଡ଼ାଇ ରହନ୍ତୁ ଜୀବନେ
ଛଡ଼ ଏବେ ମୋର ଆଶା ।
ଏ ଜଗତେ କାହା ପୁଅ ବା କାହାର,
ସମସ୍ତ ମାୟା ଭିଆଣ;
ସାର୍ଥକ ଜନମ ତାର ଏକା ସିନା
ପର ହିତେ ଯାର ପ୍ରାଣ ।

କହିଛନ୍ତି ମୁନି— 'କୁଳରକ୍ଷା ଘେନି
ହେବ ଯେବେ ପ୍ରୟୋଜନ,
ତେଜିବ ଜଣକୁ ହେଲେ ହେଉ ପଛେ
ସେ ଯେତେ ସ୍ନେହଭାଜନ ।

ନ ହୋଇ ବ୍ୟାକୁଳ ଗ୍ରାମହିତେ କୁଳ
ବରଜନ୍ତି ସାଧୁଜନ,
ଦେଶହିତେ ଗ୍ରାମ, ଜଗତ କଲ୍ୟାଣେ
କର ଦେଶ ବିସର୍ଜନ ।'

ବାରଣ ବଡ଼ାଇ ଆମ ଜାତିଭାଇ
ଶିଳ୍ପି କୁଳ-ଗଳାହାର;
ପାଆନ୍ତୁ ଜୀବନ, ମୋ ଜଣକ ଲାଗି
ମନେ କିଛି ନ ବିଚାର ।

ତେଜ ମୋ ମମତା, ହେବ ନାହିଁ ବାଧା
ଦେଖା ଆଜ ଏ ଜୀବନେ,
ଦିଅ ଅନୁମତି କର ଆଶୀର୍ବାଦ
ବିଦା ହେବି ଏହିକ୍ଷଣେ ।"

କହେ ବୃଦ୍ଧ, "ବାବୁ, ବାର ବର୍ଷ ହେଲା
ଗୁଡ଼ ଆସିଅଛି ଘର,
ତେତେବେଳେ ତୁହି ହୋଇଥିଲୁ ମାତୃ—
ଗର୍ଭରେ ତିନିମାସର ।

ପୁଅ କିବା ଝିଅ ହେଲୁ କି ଅପତ୍ୟ
କେଉଁ ଗର୍ଭ ଗଲା ନାଶ,
ଭାବିବାକୁ ମତେ କେବେହେଲେ ଦଣ୍ଡେ
ମିଳି ନାହିଁ ଅବକାଶ ।

କି ଯୋଗରେ ବାବୁ, ହେଉଥିଲୁ ଆସି
କଲୁ ଅସାଧ୍ୟ ସାଧନ,
ଏପରି ସୁଯୋଗ୍ୟ ପୁଅ ପାଏ କି ରେ
ଅଳପ ଭାଗ୍ୟରେ ଜନ !

ବିକୁଳି ପରିଯେ୍ତ ଝଟକି ନିମିଷେ
ଏବେ ଲୁଚି ଯିବୁ କାହିଁ ?
ଏଡ଼େ ଭାଗ୍ୟର କି ଏହି ପରିଣାମ
ଏହା କି ମୁଁ ଥିଲି ଦାହି ?

କେଉଁ ଜନ୍ମେ କାହା ଖାଇବା ପତରେ
ପକାଇଥିଲି ମୁଁ ଧୂଳି,
କାହା ଅଞ୍ଜଳିରୁ ଧନ ହରି ନେଇ
ଦେଲି ତା ହାତେ ଶାଙ୍କୁଳି !

ଅପାର ପାତକେ ପୂରି ରହିଅଛି
ମୋ ପ୍ରାରବ୍‌ଧ କର୍ମବନ୍ଧ,
ପଲକେ ମୋ ପଥ ଉଜଳି ନୋହିଲେ
କପାଁ ଯିବୁ କରି ଅନ୍ଧ ।

ବାରଣ ବଡ଼ାଇ ଆମ ଜାତିଭାଇ
ନୁହନ୍ତି ମୋ ପ୍ରୟୋଜନ,
କୁଳ-ଗଉରବ ସଦା ରହିଥିବ
ଥିଲେ ତୋପରି ନନ୍ଦନ ।

ଯାର ଗୁଣରାଶି ଜଗତେ ପ୍ରକାଶି
ରଖେ ଜାତିକୁଳ ମାନ,
ସେପରି ଗୋଟିକ ସଙ୍ଗତେ ନୁହନ୍ତି
ଆନ କୋଟିଏ ସମାନ ।"

ତହୁଁ ପୁଅ ବେଗେ ବୋଲେ ଉଦବେଗେ
"ଅଧିକ ନ କହ ଆଉ,
ହେଉଛି ଉଛୁର ଯିବ ଏଠା ଛାଡ଼ି
ଏବେ ରାତି ଥାଉଁ ଥାଉଁ ।"

"କାହିଁ ଯିବୁ ବାବୁ, ଫେଡ଼ି କହ ସବୁ
ରହିବୁ ଟିକି ପରାଣେ ?
ବଞ୍ଚି ରହିଥିଲେ କେବେହେଲେ ଦେଖା
କାହିଁ ହେବ କିଏ ଜାଣେ !"

କହେ ପୁଅ, "ବାପ, ଜୀବନ-ମରଣ
ଲାଗିଅଛି ଅନୁକ୍ଷଣ,
ଜନମ ହୋଇଲେ ଆଗେ ଅବା ପଛେ
ଅବଶ୍ୟ ହେବ ମରଣ ।

କାପୁରୁଷ ପରି ମରିବା ଜଗତେ
ନୁହେ ନର-ପଉରୁଷ,
ପରହିତ ସାଧି ମରେ ଯେ ମହୀରେ
ସେହି ଏକା ସୁପୁରୁଷ ।

ମାନବ-ଜୀବନ ନୁହଇ କେବଳ
ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଜୀଏଁ ନର, କର୍ମ ଏକା ତାର
ଜୀବନର ମାନଦଣ୍ଡ ।

ମୁହୂର୍ତ୍ତେ ମାତର ଉଜ୍ଜ୍ୱଳ ପ୍ରଖର
ଶିଖା ଟେକି ହୁତାଶନ
ଜଳି ଯେବେ କରେ ଆଲୋକ ଉତ୍ତାପ
ତଉଦ୍ଧରେ ବିତରଣ,

ଲଭୁ ଯେ କ୍ଷଣକେ ତଥାପି ଏ ଲୋକେ
ରହେ ତା' ଆଦର ଯଶ;
କି ଲୋଡ଼ା ତହିଁରେ ରହେ ସେ ମହୀରେ,
କୁହୁଳ ସହସ୍ର ବର୍ଷ ?

କହୁଛି ନିଷ୍ଠୁର ଏ ଜୀବନେ ଆଉ
ହେବ ନାହିଁ ଯେବେ ଦେଖା,
ଜୀଇଁବା ମରିବା କପାଇଁ ପଚ୍ଚର
ସେ ଦୁଇ କଥା ତ ଏକା ।

ଏ ମୋ ବଡ଼ ଭାଗ୍ୟ ଘଟିଲା ସୁଯୋଗ
ମିଳି ଏଥି ଯଥା ବେଳେ,
ମୁଦିଲ ଦେଉଳ କୁଟ ଶିଳ୍ପତନ୍ତ୍ରେ
ଶିଖିଲ ଯା ଶିଶୁ-ଖେଳେ ।

ବାରଣ ବଢ଼ାଇ ମୋର ଜାତିଭାଇ
ସହି ନିନ୍ଦା ଅପମାନ
ମଲେ ଯେବେ ଏଥି, କି ସୁଖ ମୋହର
କରି ମନ୍ଦିର ନିର୍ମାଣ ?

ବାରଣ ବଢ଼ାଇ— ରକତ-ରଞ୍ଜିତ
ଯଶ-ସନମାନ-ଧନ,
ପାଇ ରାଜଦ୍ୱାରେ କହ କି ପ୍ରକାରେ
ବଢ଼ିବ ମୋ ବଡ଼ପଣ ?

ଶାଢ଼ୀ ବାନ୍ଧି ମୁଣ୍ଡେ          ଯିବ ରାଜଦାଣ୍ଡେ
ଦେଖି ଜାତି-କୁଳ-ନାଶ,
କି ରଙ୍ଗେ ଚିତ୍ରିବ          ଏ ଜଘନ୍ୟ ଛବି
ଭବିଷ୍ୟତ ଇତିହାସ !

ଦେଉଳ ଅମୁଦା          ରହି ମରିଥାନ୍ତେ
ଯେବେ ସବୁ କାରିଗରେ,
ମୋ କର୍ମ-କୌଶଳେ          ଲଜ୍ଜା ଅପମାନ
ନ ଥାନ୍ତା ତାଙ୍କ ମୁଖରେ ।

ଉତ୍କଳର ଶିଳ୍ପି—          କୁଳ-ଇତିହାସେ
ନ ରହୁ ଏ କଳାଦାଗ,
ତେଣୁ ସ୍ୱଚ୍ଛମନେ          ଏ ଜୀବନ ଲାଗି
କର ବାପା ମୋତେ ତ୍ୟାଗ ।

"ସଞ୍ଚାଣ-କପୋତ"—          ଅଦ୍ଭୁତ ଚରିତ
ଶୁଣିଛ ମହାଭାରତେ,
ପରାଣ ବିକଳେ          କପୋତ ବ୍ୟାକୁଳେ
ମିଳିଲା ଶିବି-ପୁରତେ ।

କାଶୀ-ନରପତି          କପୋତ-ବିପତ୍ତି
ଦେଖି ପାରିଲେ କଷଣ,
ଯେବେ ଯଜ୍ଞାଗାରେ          ଉଡ଼ିଣ ଆତୁରେ
ପଡ଼ିଲେ ପକ୍ଷୀ ଶରଣ ।

ଯାଚକ-ଯାଚଞ୍ଚା　　ନ କଲେ ପୂରଣ
　　ଯଜ୍ଞଫଳ ଯାଏ ନାଶ,
ସଞ୍ଚାଣ ବଧିଲେ　　ହିଂସା ମହାପାପ
　　ଆବର କରିବ ଗ୍ରାସ ।

ଉଭୟ ସଙ୍କଟେ　　ନ ଦେଖି ଉପାୟ
　　ଶିବ ରାଜା ମହାମତି,
ଦେନ ପକ୍ଷୀ ମଧେ　　ଉଭା ହୋଇ ସଧେ
　　ସଞ୍ଚାଣେ କଲେ ବିନତି—

'ଦେବ ପକ୍ଷିରାଜ,　　ଯାହା ଇଚ୍ଛା ମାଗ
　　ରଖ କପୋତ ଜୀବନ;'
କହଇ ସଞ୍ଚାଣ,　　'ଲୋଡ଼ା ନାହିଁ ଧନ,
　　ମୁଁ ଯେ କ୍ଷୁଧା-ଅବସନ୍ନ ।

କପୋତ ଉଦ୍ଧାରେ　　ଉଦାର ଅନ୍ତରେ
　　କର ଯେବେ ଅଭିଳାଷ,
ନିଜ ଅଙ୍ଗୁ କାଟି　　ତୁଳିଦିଅ ମୋତେ
　　କପୋତ ସମାନ ମାଂସ ।'

ହରଷେ ନୃପତି　　ଦେଖାଇଣ ଗ୍ଲତି
　　କାଟିଦେଲେ ମାଂସ ଖଣ୍ଡେ,
ପରିମାଣେ ମାଂସ　　କପୋତ ସମାନ
　　ହେଲା ନାହିଁ ତୁଳାଦଣ୍ଡେ ।

ଆଉ ଖଣ୍ଡେ ପୁଣି　　　　　କାଟିଲେ ନୃମଣି
　　ସମ ନୋହିଲା ନିକତି,
ଖଣ୍ଡେ ଖଣ୍ଡେ କମେ　　　　　କଲିଜା କାଟିଲେ
　　କପୋତେ ପ୍ରକାଶି ପ୍ରୀତି ।

ନୃପ-ଦୟାପଣ　　　　　ଦେଖି ସେ ସଞ୍ଚାଣ
　　କଲା ଶେଷେ ଜୟନାଦ,
ତେଜିଲା କପୋତେ　　　　　ଗଲା ନିଜ ପୁରେ
　　ଦେଇ ଦିବ୍ୟ ଆଶୀର୍ବାଦ ।

କପୋତର ହିତେ　　　　　ଶିବି ଶୁଦ୍ଧଚିତ୍ତେ
　　କରି ଏ ଆତ୍ମ ଉତ୍ସର୍ଗ,
ଇହ ପରଲୋକେ　　　　　ଲଭିଲେ ଅକ୍ଷୟ
　　ଧର୍ମ ଆଦି ଚତୁର୍ବର୍ଗ ।

ଏ ଜଗତ ବାପ,　　　　　ମହାମଖଶାଳ,
　　ନରନାରୀ ଯଜମାନ;
ସେହି କୃତୀ, ଯେହୁ　　　　　ପରହିତେ କରେ
　　ଜୀବନ ଆହୁତି ଦାନ ।

ଭୁବନ-ବିଦିତ　　　　　ଦଧିଚି-ଚରିତ
　　ପୁରାଣେ ତ ଅଛ ଶୁଣି,
କହି ସ୍ୱସ୍ତି ସ୍ୱସ୍ତି　　　　　ଦେଲେ ନିଜ ଅସ୍ଥି
　　ବିଶ୍ୱହିତେ ମହାମୁନି ।

ପରହିତେ ପ୍ରାଣ     ଉତ୍ସର୍ଗି ପୂରବେ
କେତେ କେତେ ମହାଜନ,
ଲଭିଛନ୍ତି ତ୍ୟାଗେ     ପରାଣ-ପୂର୍ଣ୍ଣତା
ମରଣେ ନିତ୍ୟ ଜୀବନ ।

କୋରକତ ପ୍ରାଣ     ଫୁଟେ ପ୍ରେମ-ସରେ
ପବନେ ମିଶାଏ ବାସ,
ବିଶ୍ୱବ୍ୟାପୀ ରବି—     ଉଜ୍ଜ୍ୱଳ ଆଲୋକେ
ଚାରୁ ସ୍ନିଗ୍ଧ ମନ୍ଦହାସ ।

ବାରଣ ବଢ଼ାଇ     ରହିଛନ୍ତି ଚାହିଁ
ଏବେ ତୁମ ମୁଖ ପ୍ରତି,
ପୁତ୍ର-ସ୍ନେହ-ମାୟା     ତୁଟାଇଲେ ତୁମ୍ଭେ
ଯିବେ ସକଳେ ବିରତି ।

ବାରଣ ବଢ଼ାଇ     ମୁହିଁକୁ ଅନାଇଁ
ମୋ ମମତା ଏବେ ଛାଡ଼,
ଜାଣ ଏ ଦେଉଳକୁଁ     ଗଢ଼ ମରୁଛି ମୁଁ
ଭାଙ୍ଗି ମଥା ବୁକୁ ହାଡ଼ ।

ଚାହିଁ ଏ ଦେଉଳେ,     ଚାହିଁ ଜାତି କୁଳେ,
ଛାଡ଼ ମନୁ ବୃଥା କଷ୍ଟ,
ବିଚାର, ଜନମ     ପାଇ ନାହିଁ ମୁହିଁ
ହୋଇଅଛୁ ଗର୍ବେ ନଷ୍ଟ ।

କରୁଛ ଭାବନା ନ ହେବ ମୋ ବିନା
ବଂଶ-ରକ୍ଷା ତୁମ୍ଭ ଅନ୍ତେ,
କର ହେ ବିଚାର କାହା ବଂଶ ଚିର
ରହିଛି ବା ଏ ଜଗତେ ?

କେତେ ମହାଜନ ଅସାଧ ସାଧନ
କରି ଗଲେ କାଳବଳେ,
କାହିଁ ତାଙ୍କ ବଂଶ ? ଅଛି ମାତ୍ର ଯଶ
ଆଜଯାଏ ମହୀତଳେ ।

ଏକର ବିନାଶେ ଅନେକ ପ୍ରକାଶେ
ସୃଷ୍ଟିର ଏ ସତ୍ୟ ବିଧି,
ଏକର ଯା କ୍ଷୟ ଅନେକ ଉଦୟ,
ଅନେକ ଏକର ସିଦ୍ଧି ।

ବଂଶ ପଛେ ଯାଉ ଜାତି ବୃଦ୍ଧିପାଉ,
ସାଧ ଏ ଉଦାର ନୀତି,
କୋଣାର୍କ ଦେଉଳ ଗାଉ ଚିରକାଳ
ତୁମ୍ଭ ପୁଣ୍ୟ ତ୍ୟାଗ-ଗୀତି ।

ପରେ ଦୟା ବହି ସତ୍ୟରକ୍ଷା ପାଇଁ
ପୂର୍ବେ କେତେ କେତେ ଲୋକ,
କାଟିଛନ୍ତି ନିଜ ହାତେ ପୁତ୍ରମୁଣ୍ଡ
ମୁହୂର୍ତ୍ତେ ନ କରି ଶୋକ ।

ବିହିତ କରମ          ମାନବ ଧରମ
ଯାର ଭବେ ଯେହୁ ସାଧେ,
ସେହି ଧନୁର୍ଦ୍ଧର          ରାମ ଯାରବର
ଭବାର୍ଣ୍ଣବେ ସେତୁ ବାନ୍ଧେ ।
ଭ୍ରମର ମୋହର          ଦେଖା ଦିନକର;
କିପାଁ ଏତେ ମାୟା ମୋହ ?
ତେଜ ମୋ ମମତା          ଦେଖାଅ ଯାରତା
କର ନାହିଁ ଜାତି-ଦ୍ରୋହ ।
କହ ମନ ସୁଖେ,          'ନାହିଁ ପୁଏ ଦାୟେ
ବାରଣ ବଡ଼ାଇ ଦାୟ',
ଜଗତେ ଏ କଥା          ରହୁ କାଳେ କାଳେ
ନେଉଛି ଏବେ ବିଦାୟ ।
ପାହି ଆସିଲାଣି          ଅନ୍ଧାର ରଜନୀ
ନିର୍ମଳ ଦିଶେ ମୋ ପଥ,
ଦିଅ ଆଶୀର୍ବାଦ          ଯେନ ଏ ଜୀବନେ
ଏହି ଶେଷ ଦଣ୍ଡବତ ।"

( ୮ )

ଏତେ କହି ପୁଅ          ବାପ-ପଦରଜ
ନେଇ ଲଗାଇଲା ଶିରେ,
ବୃଦ୍ଧ ମୁଖେ କିଛି          ବଚନ ନ ଆସେ
ଗଣ୍ଡ ସିକ୍ତ ନେତ୍ର-ନୀରେ ।

ମୂକ ଆଶୀର୍ବାଦ ଇଙ୍ଗିତେ ପ୍ରକାଶି
ସ୍ନେହେ ଚୁମ୍ବିଲା ବଦନ,
ଚାଲିଗଲା ପୁଅ କ୍ଷଣେ ବୃଦ୍ଧ ତହୁଁ
ହେଲା ଶୋକେ ଅଚେତନ ।
ଅରୁଣ-ଆରକ୍ତ- ବରଣେ ରଞ୍ଜିତ
ହସେ ପୂରବ ଆକାଶ,
ଫିଟି ନାହିଁ ନଶା— ଅଙ୍ଗୁ କଳାଶାଢ଼ୀ
ଫୁଟି ନାହିଁ ଊଷାହାସ ।
ଚନ୍ଦ୍ରଭାଗା-ନୀରେ ପାହାନ୍ତ ସମୀରେ
ଖେଳଇ ମୃଦୁ ତରଙ୍ଗ,
ଅଦୂର କାନନେ ପହର ପ୍ରମାଣେ
ରାବେ କୁମ୍ଭାଟୁଆ ଖଗ ।
ଏ ମୁହଁଅନ୍ଧାରୀ ବେଳେ ଧର୍ମପଦ
ଚାଲିଗଲା ଅତି ଖରେ,
ଶୃଙ୍ଖ ପଥେ ଚଢ଼ି ଉଠିଲା ତୁରିତେ
ଦେଉଳ ଶିଖ ଉପରେ ।

( ୯ )

ରୌଦ୍ରରେ ବସ୍ତୃତ ସାଗର ସୈକତ
ନିସ୍ତବ୍ଧ ବିଜନ ବେଳା,
ସମ୍ମୁଖେ ଅପାର ନୀଳ ପାରାବାର
ଚିରନ୍ତନ ଊର୍ମ୍ମି-ଖେଳା ।

ଊର୍ଦ୍ଧ୍ୱେ ସୁଶୋଭିତ    ତାରକା-ଖଚିତ
ଅନନ୍ତ ନୀଳ ଆକାଶ,
ହେଲା ଶୁଦ୍ଧପ୍ରାଣେ    ଅପୂର୍ବ ଉଦାର
ମହାଭାବ ପରକାଶ ।

ଜଳ ସ୍ଥଳ ନଭ    ହେଲା ଏକ ଭାବ
ଲଭିଗଲା ବିଚିତ୍ରତା,
ଅନନ୍ତ ଅଭେଦେ    ପରମ ନିର୍ବେଦେ
ବ୍ୟକ୍ତ ବିଶ୍ୱ-ମହାସତ୍ତ୍ୱ ।

ବାଞ୍ଛିତ ହୃଦୟ    ମିଶି ଗଲା ସେହି
ମହା ଅନନ୍ତ ବିତାନେ,
ଅଜ ଭାବ ଭୁଲି    ମଣେ ଆପଣାକୁ
ଏକୀଭୂତ ବିଶ୍ୱପ୍ରାଣେ ।

ମୁହୂର୍ତ୍ତକେ ପୁଣି    ସେ କ୍ଷୁଦ୍ର ହୃଦୟେ
ସଙ୍କୁଚିତ ବିଶ୍ୱସାରା,
ଭିତର ବାହାର    କଲା ଏକାକାର
ଅମୃତ ସଙ୍ଗୀତଧାରା ।

ହୋଇ ଏକ ଧ୍ୟାନ    ମିଳାଇଣି ତାନ
ବିଶ୍ୱ-ସଙ୍ଗୀତ-ଲହରେ,
ଗାଏ ଧର୍ମପଦ    ପରମ ଆନନ୍ଦେ
'ଜୟ ଜଗଦୀଶ ହରେ ।'

"ନମୋ ନିରଞ୍ଜନ    ନିଖିଳ ନିଦାନ
ବ୍ୟାପ୍ତ ସର୍ବ ଚରାଚରେ,
ପ୍ରଭୁ ଦୟାମୟ    ମଙ୍ଗଳ-ଆଳୟ
ଜୟ ଜଗଦୀଶ ହରେ ।

ନମୋ ନିରାକାର    ସର୍ବ ବିଶ୍ୱାଧାର
ବ୍ୟକ୍ତ ବାହ୍ୟ ଅଭ୍ୟନ୍ତରେ,
ପ୍ରଭୁ ବିଶ୍ୱପତି    ଅଗତିର ଗତି
ଜୟ ଜଗଦୀଶ ହରେ ।

ଧରି ତୁମ୍ଭ ବଳ    ବହଇ ଅନିଳ
ଅନ୍ତରୀକ୍ଷେ ନିରନ୍ତରେ,
ଆଦେଶେ ଉଦଧି    ନ ଲଙ୍ଘେ ଅବଧି
ଜୟ ଜଗଦୀଶ ହରେ ।

ତବ ଦିବ୍ୟ ଜ୍ୟୋତି    ପରକାଶେ ନିତି
ଗ୍ରହ ତାରା ମାଳାମ୍ବରେ,
ତବ ପୁଣ୍ୟ ହାସେ    କୁସୁମ ବିକାଶେ
ଜୟ ଜଗଦୀଶ ହରେ ।

ନଦୀ ବନ ଗିରି    ଗ୍ରାମ କାନ୍ତ ଶିରୀ
ତୁମ୍ଭରି କଟାକ୍ଷେ ଧରେ,
ଗାଏ ତୁମ୍ଭ ଗୀତି    ଏ ବିଶ୍ୱ-ଭାରତୀ
ଜୟ ଜଗଦୀଶ ହରେ ।

ଅନନ୍ତ ମହିମା ଅତୁଳ ସୁଷମା
ଦିଶେ ବିଶ୍ୱେ ସ୍ତରେ ସ୍ତରେ,
ତବ ମହାପ୍ରେମ ଖେଳେ ଚରାଚରେ
ଜୟ ଜଗଦୀଶ ହରେ ।

ସେ ମହାମହିମା କି ବୁଝିବ ପ୍ରଭୋ,
କ୍ଷୁଦ୍ର ନର କଳେବରେ,
କି ଭାଷାରେ ତବ କରିବି ହେ ସ୍ତବ
ଜୟ ଜଗଦୀଶ ହରେ ।

ଦେଶ କାଳ ସୀମା— ଅତୀତ ମହିମା
ଅଗୋଚର ସୁର ନରେ,
ଏକ ଅଦ୍ୱିତୀୟ ପୂର୍ଣ୍ଣ ପ୍ରେମମୟ
ଜୟ ଜଗଦୀଶ ହରେ ।

ପ୍ରଭୁ ପରାତ୍ପର ପରମ ଈଶ୍ୱର
ଆଶ୍ରା ଦିଅ ଶ୍ରୀପୟରେ,
ପୂରୁ ତବ ଇଚ୍ଛା ଏ ନର ପରାଣେ
ଜୟ ଜଗଦୀଶ ହରେ ।

ପ୍ରକାଶି କରୁଣା ଯେ ପୁଣ୍ୟ ପ୍ରେରଣା
ଦେଇଅଛ ମୋ ଅନ୍ତରେ,
କର ତାହା ସିଦ୍ଧି କରୁଣା-ବାରିଧି
ଜୟ ଜଗଦୀଶ ହରେ ।

ମୋ ହୃଦୟ-ସ୍ୱାମି,    ପ୍ରଭୁ ଅନ୍ତର୍ଯ୍ୟାମି,
ଦେଖାଇଛ ଯାହା ଥରେ,
ସେ ଅମୃତ-ଗତି    ଦିଅ ପ୍ରାଣପତି !
ଜୟ ଜଗଦୀଶ ହରେ ।

ଚନ୍ଦ୍ରଭାଗା ମୋର    ଘେନ ନମସ୍କାର
ନିଅ ମତେ ନିଜ ଅଙ୍ଗେ,
ବହି ମାତୃସ୍ନେହ    ମିଶାଅ ଏ ଦେହ
ଅତଳ ଉଦଧି ସଙ୍ଗେ ।”

(ଗାଇ ଏହିପରି    କହି 'ହରି ହରି'
ଡେଇଁଲା ସେ ନଦୀଜଳେ ,
ନ ଭାସିଲା ତାର    ଚିହ୍ନ କି ଆକାର
ଗଲା ମହାସିନ୍ଧୁ ତଳେ ।)

ଆର ଦିନ ରବି    ଉଇଁଣ ଚୁମ୍ବିଲେ
ସମ୍ପୂର୍ଣ୍ଣ ମନ୍ଦିର-ଚୂଳ,
ନ ଜାଣିଲେ କେହି    କିଏ ସେ ମୁଦିଲା
କୋଣାରକେ ଏ ଦେଉଳ ।

ନଦୀ ଗିରି ବନେ    ସାଗର କାନନେ
ମିଶିଗଲା ହାଡ଼ ମାଂସ,
"ଧର୍ମପଦ" ନାମ    କାଳସିନ୍ଧୁ କଲା
ବିସ୍ମୃତି-ଗରଭେ ଗ୍ରାସ ।

## ଧର୍ମପଦ

ଲୁଚି ରହେ ନାହିଁ ସତ୍ୟ ଚିରନ୍ତନ
କାଳେ ହୁଏ ତା ବିବୃତି,
ନାହିଁ ଧର୍ମପଦ, ଭାଙ୍ଗିଛି ଦେଉଳ,
ଅଛି ଏବେ ଜନଶ୍ରୁତି ।

ନଂ ୨/୩୦
ତା...........
ରାଉରକେଲା

କଟକ ସତ୍ୟବାଦୀ ପ୍ରେସରେ ଶ୍ରୀ ରାଧାନାଥ ରଥଙ୍କ ଦ୍ୱାରା ମୁଦ୍ରିତ
୧୯୫୧—୩୦୦୦

Printer—R. N. Rath,
THE SATYABADI PRESS.
CUTTACK.
1951.